No. of Printed Pages : 4

3-SEMA-Odia-GE-$A_2$(R&B)

# 2023

***Time - 3 hours***

***Full Marks - 80***

*Answer **all groups** as per instructions.*

*Figures in the right hand margin indicate marks.*

## GROUP – A

୧ । ଉପଯୁକ୍ତ ଉତ୍ତରମୂଳକ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର । (ସମସ୍ତ) [୧ × ୧୨

(କ) ଶଙ୍ଖାରିବୁଢ଼ା ରଜବେଲକୁ ବୋହୂଟି ପାଇଁ ________ ଶଙ୍ଖା ଆଣିଦେବ ବୋଲି କଥା ଦେଇଥିଲା ?

(ଖ) ଝପଟ ସିଂର ମୁଣ୍ଡ କାଟିଥିବାରୁ ସାହେବ ________କୁ ପାଁଶ ଟଙ୍କା ବକ୍‌ସିସ୍ ଦେଇଥିଲେ ।

(ଗ) ମନେ ହୁଏ ମାଗୁଣି ଗୋଟାଏ ଜୀବନ୍ତ ________ ।

(ଘ) 'ଶାସ୍ତି' ମସିହାର ନ'ଅଙ୍କ ଦୁର୍ଭିକ୍ଷର ପୃଷ୍ଠଭୂମି ଉପରେ ରଚିତ ।

(ଙ) ସନେଇଁ ପରିଡ଼ା ଘର ________ ଗାଁରେ ।

(ଚ) ସନିଆ ଶେଷକୁ ________କୁ ବିବାହ କରିଛି ।

(ଛ) ________ ଯେତିକି ସଭ୍ୟ ହୁଏ, ମଦ ଦୋକାନ ସେତିକି ବେଶି ହୁଏ ।

(ଜ) ବଟୁଆ ________ର ଗୋଟାଏ ଚିହ୍ନ ।

P.T.O.

(ଝ) 'ସାଧୁସଙ୍ଗ' ପ୍ରବନ୍ଧର ଲେଖକ ________ ।

(ଞ) 'ଶେଷକଥା' ନାଟକଟି ________ ମସିହାରେ ରଚିତ ।

(ଟ) ________ ପ୍ରତି ସମ୍ମାନବୋଧ ନାଟକରେ ଆଦର୍ଶ ପରମ୍ପରା ସୃଷ୍ଟି କରିଛି ।

(ଠ) ସନ୍ତୋଷଙ୍କ ପରିବାରରେ ଝଡ଼ ସୃଷ୍ଟି ହେବାର ମୁଖ୍ୟ କାରଣ ________ ।

## GROUP - B

୨ । ପ୍ରତ୍ୟେକକୁ ଦୁଇ ବା ତିନୋଟି ବାକ୍ୟରେ ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ଲେଖ ।
[୨ × ୮

(କ) ଘିନୁଆ କାହଁକି ଗୋବିନ୍ଦ ସର୍ଦ୍ଦାରର ମୁଣ୍ଡ କାଟିଥିଲା ?

(ଖ) ମାଗୁଣିର ସଂସାରର ପରିଚୟ ଦିଅ ।

(ଗ) 'ବୁଢ଼ାଶଙ୍ଖାରି' ଗଳ୍ପର ପରିଣତି କି ଭାବନା ସୃଷ୍ଟି କରେ ।

(ଘ) ଚିନ୍ତେଇ ସୋଇଁ ଓ ବନେଇ ପରିଡ଼ାଙ୍କ ଭିତରେ ବିବାଦର କାରଣ କଣ ଥିଲା ?

(ଙ) ସନିଆ କାହିଁକି ସମାଜ ଛାଡ଼ି ପଳାଇ ଯାଇଛି ?

(ଚ) ନଟ ସମ୍ରାଟଙ୍କ ବାର୍ଦ୍ଧକ୍ୟ ସମ୍ପର୍କରେ କଣ କୁହାଯାଇଛି ?

(ଛ) ପଠିତ ନାଟକରେ ଅନୁରାଗର ପରିଚୟ କଣ ?

(ଜ) 'ବାଇ ମହାନ୍ତି ପାଞ୍ଜି' ରଚନାରେ କେଉଁ ଲେଖକଙ୍କର କେଉଁ ପ୍ରବନ୍ଧର ପ୍ରଭାବ ସ୍ପଷ୍ଟ ଜଣାପଡ଼େ ?

(ଝ) ଆଗ କାଳରେ ବଟୁଆ ଭିତରେ କଣ କଣ ରହୁଥିଲା ?

(ଞ) ମନ୍ତ୍ରର ଚମତ୍କାରିତା ସମ୍ପର୍କରେ ପ୍ରାବନ୍ଧିକ କଣ କହିଛନ୍ତି ?





## GROUP – C

୩ । ପ୍ରତ୍ୟେକକୁ ୭୫ଟି ଶବ୍ଦ ମଧ୍ୟରେ ଯେକୌଣସି ୮ଟିର ଟିପ୍ପଣୀ ପ୍ରଦାନ କର ।
[୩ × ୮

(କ) 'ବୁଢ଼ାଶଙ୍ଖାରି'ର ଗାଳ୍ପିକଙ୍କ ପରିଚୟ

(ଖ) ଗୋଦାବରୀଶ ମହାପାତ୍ରଙ୍କ କଥା-ସାହିତ୍ୟ

(ଗ) 'ଶିକାର' ଗଳ୍ପରେ ମାର୍କସ୍‌ବାଦୀ ଚେତନା

(ଘ) ନ'ଅଙ୍କ ଦୁର୍ଭିକ୍ଷକୁ କେନ୍ଦ୍ରକରି କାହ୍ନୁଚରଣଙ୍କ ରଚିତ ଉପନ୍ୟାସ

(ଙ) ନାରାୟଣ ସାହୁଙ୍କ ନାଟ୍ୟ-ରଚନା

(ଚ) ବଟୁଆର ପ୍ରାବନ୍ଧିକ

(ଛ) ପ୍ରାବନ୍ଧିକ ଗୋପାଳ ଚନ୍ଦ୍ର ପ୍ରହରାଜ

(ଜ) ପ୍ରାବନ୍ଧିକ ହେମକାନ୍ତ ମିଶ୍ର

(ଝ) 'ସାଧୁସଙ୍ଗ'ର ଉପସ୍ଥାପନା ଶୈଳୀ

(ଞ) 'ଶାସ୍ତି'ରେ ନୂତନ ସମାଜ ପରିକଳ୍ପନା

## GROUP – D

ସମସ୍ତ ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର ।

୪ । ଯନ୍ତ୍ର ସଭ୍ୟତାର ପ୍ରାଦୁର୍ଭାବରେ ସାଧାରଣ ମଣିଷର ଜୀବନ-ଜୀବିକା କିପରି ବିଡ଼ମ୍ବିତ ହୋଇଛି, ପଠିତ ଗଳ୍ପ ଆଧାରରେ ଆଲୋଚନା କର । [୭

ଅଥବା

'ଶିକାର' ଗଳ୍ପ ଆଧାରରେ ଲେଖକଙ୍କର କି ରାଜନୀତିକ ଆଦର୍ଶ ପ୍ରକାଶ ପାଇଛି, ଆଲୋଚନା କର।

୫। ଆଦର୍ଶ ଓ ବାସ୍ତବତାର ଦ୍ୱନ୍ଦ୍ୱ ମଧ୍ୟରେ ଧୋବୀ ଜୀବନର କରୁଣ ପରିସମାପ୍ତି କିପରି ମର୍ମସ୍ପର୍ଶୀ – ଆଲୋଚନା କର। [୭

ଅଥବା

ପଠିତ ଉପନ୍ୟାସରେ କିଏ କିପରି ଶାସ୍ତି ପାଇଛନ୍ତି ବିଚାର କର।

୬। ମଞ୍ଚ ନାଟକଠାରୁ ଜୀବନ ନାଟକ କିପରି ଭିନ୍ନ, ପଠିତ ନାଟକ ଅବଲମ୍ବନରେ ବିଚାର କର। [୭

ଅଥବା

ସନ୍ତୋଷ ଚୌଧୁରୀଙ୍କ ଚରିତ୍ର ଅନୁଶୀଳନ କର।

୭। ବଟୁଆ କିପରି ଓଡ଼ିଆମୀର ପରିଚୟ, ଆଲୋଚନା କର। [୭

ଅଥବା

'ସାଧୁସଙ୍ଗ' ପ୍ରବନ୍ଧର ଲେଖକୀୟ ଆଭିମୁଖ୍ୟ କଣ ଆଲୋଚନା କର।